# NATIONAL NEWS BULLETIN (ODIA)

## 24 June - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଏକ ସନ୍ତୁଳିତ ତଥା ଆପୋଷ ଲାଭଜନିତ ଭାରତ-ଆମେରିକା ଦ୍ୱିପକ୍ଷିୟ ବାଣିଜ୍ୟ ଚୁକ୍ତିନାମା ସମ୍ପନ୍ନ କରିବା ଦିଗରେ ଉଭୟ ଦେଶ ପ୍ରତିବଦ୍ଧ, କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।

- ୨୦୩୦ ସୁଦ୍ଧା ଭାରତ-ରୁଷ ମଧ୍ୟରେ ଦ୍ୱିପକ୍ଷିୟ ବାଣିଜ୍ୟ କାରବାର ୧୦୦ ବିଲିୟନ୍ ଡଲାର୍ ଲକ୍ଷ୍ୟ ଧାର୍ଯ୍ୟ, କ୍ରେମ୍ଲିନ୍ ମୁଖପାତ୍ରଙ୍କ ସୂଚନା ।

- ଜାତୀୟ ରାଜପଥରୁ ଜବରଦଖଲ ଏବଂ ବେଆଇନ୍ ପାର୍କିଂ ଉଚ୍ଛେଦ ଲାଗି କାର୍ଯ୍ୟାନୁଷ୍ଠାନ ତ୍ୱରାନ୍ୱିତ କରିବା ନେଇ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ନିଷ୍ପତ୍ତି ।

- କୋଲକାତାରେ ଏକ ନିର୍ମାଣାଧୀନ ଘରୋଇ ପଣ୍ୟାଗାର ଭୁଶୁଡ଼ି ପଡ଼ିବାରୁ ତିନି ଶ୍ରମିକଙ୍କର ମୃତ୍ୟୁ ।

ଏବଂ

● ୟୁ.ଏସ୍. ଓପନ୍ ସୁପର୍-୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହେଲେ ଭାରତୀୟ ମହିଳା ଡବଲ୍ସ ଯୋଡ଼ି ।

## ୟୁଏସ୍ ଟ୍ରେଡ୍-ଭିଜିଟ୍

ଯୁକ୍ତରାଷ୍ଟ୍ର ବାଣିଜ୍ୟ ପ୍ରତିନିଧି ଆମ୍ବାସାଡର ଜେମିସନ୍ ଗ୍ରିର୍‌ଙ୍କ ନେତୃତ୍ୱରେ ଆମେରିକାର ଏକ ସରକାରୀ ପ୍ରତିନିଧି ଦଳ ଗତ ତିନି ଦିନ ଧରି ନୂଆଦିଲ୍ଲୀ ଗସ୍ତ କରିଥିଲେ । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଏକ ସନ୍ତୁଳିତ ତଥା ଆପୋଷ ଲାଭ ଜନକ ଭାରତ-ଆମେରିକା ଦ୍ୱିପକ୍ଷିୟ ବାଣିଜ୍ୟ ଚୁକ୍ତିନାମା ସମ୍ପନ୍ନ କରିବା ଏବଂ ଗତ ଫେବୃୟାରୀ ୭ ତାରିଖରେ ଜାରି କରାଯାଇଥିବା ଦୁଇ ଦେଶ ମିଳିତ ବିବୃତ୍ତି ଅନୁଯାୟୀ ଏକ ଅନ୍ତରିଣ ବୁଝାମଣା ଚୂଡ଼ାନ୍ତ କରିବା ଦିଗରେ ଜାରି ରହିଥିବା ପ୍ରଚେଷ୍ଟାର ଏହା ଏକ ଅଂଶ । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି, ଆମ୍ବାସାଡର ଗ୍ରିର୍‌ଙ୍କ ସହିତ ସେ ଭାରତ-ଆମେରିକା ବାଣିଜ୍ୟ କାରବାରର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହିତ ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ଭାଗିଦାରିକୁ ଅଧିକ ସଶକ୍ତ କରିବା ପ୍ରସଙ୍ଗରେ ଆଲୋଚନା କରିଛନ୍ତି ।

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ଶ୍ରୀ ଗୋୟଲଙ୍କ ସହିତ ଆମ୍ବାସାଡର ଗ୍ରିର୍ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିଛନ୍ତି । ବିଶେଷ କରି ଡିଜିଟାଲ୍ କାରବାର, ନିରନ୍ତର ଯୋଗାଣ ଶୃଙ୍ଖଳ, ରଣନୈତିକ

କ୍ଷେତ୍ରରେ ସହଯୋଗ ବୃଦ୍ଧି ତଥା ବାଣିଜ୍ୟ କାରବାରକୁ ସମ୍ପ୍ରସାରଣ କରିବା ଆଦି ପ୍ରସଙ୍ଗ ଏହି ଆଲୋଚନାରେ ସ୍ଥାନ ପାଇଥିଲା ।

## ରୁଷ-ଇଣ୍ଡିଆ-ପେସ୍କୋଭ୍

୨୦୩୦ ସୁଦ୍ଧା ଭାରତ-ରୁଷ ମଧ୍ୟରେ ଦ୍ୱିପକ୍ଷିୟ ବାଣିଜ୍ୟ କାରବାର ୧୦୦ ବିଲିୟନ୍ ଆମେରିକୀୟ ଡଲାର୍‌ରେ ପହଞ୍ଚାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । କ୍ରେମ୍‌ଲିନ୍ ମୁଖପତ୍ର ଡିମିଟ୍ରି ପେସ୍କୋଭ୍ ଆଜି ମସ୍କୋ ଠାରେ ଦ୍ୱାଦଶ ପ୍ରାଇମାକୋଭ୍ ରିଡିଂସ୍ ଫୋରମ୍‌ରେ ଉଦ୍‌ବୋଧନ ଦେଇ ଏହା କହିଛନ୍ତି ।

ସେ କହିଛନ୍ତି, ବର୍ତ୍ତମାନ ଭାରତ-ରୁଷ ମଧ୍ୟରେ ବାଣିଜ୍ୟ କାରବାର ୬୦ ବିଲିୟନ୍ ଡଲାର୍ ରହିଛି । ତେବେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ବୃଦ୍ଧି କରିବା ଲାଗି ଉଭୟ ଦେଶ ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ବିଭିନ୍ନ କ୍ଷେତ୍ରରେ ଅର୍ଥନୈତିକ ସହଯୋଗକୁ ବୃଦ୍ଧି କରିବା ଲାଗି ଉଭୟ ଦେଶ ପ୍ରତିବଦ୍ଧ ବୋଲି ଶ୍ରୀ ପେସ୍କୋଭ୍ କହିଛନ୍ତି ।

ଭାରତକୁ ବିଶ୍ୱର ଏକ ଦ୍ରୁତତମ ଅଭିବୃଦ୍ଧି ହାସଲ କରୁଥିବା ଅର୍ଥ ବ୍ୟବସ୍ଥା ରୂପେ ଅଭିହିତ କରିବା ସହିତ ଶ୍ରୀ ପେସ୍କୋଭ୍ ଏହାର ବୃହତ କ୍ଷମତା ସମ୍ପର୍କରେ ଆଲୋକପାତ କରିଛନ୍ତି । ଭାରତ-ରୁଷ ସମ୍ପର୍କକୁ ଏକ

ବିଶେଷ ଅଧିକାରପ୍ରାପ୍ତ ସହଭାଗିତା ଭାବେ ବର୍ଣ୍ଣନା କରିବା ସହିତ ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକରେ ସହଯୋଗ ମାଧ୍ୟମରେ ଏହା ଅଧିକ ସଶକ୍ତ ହୋଇପାରିଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମ୍ପର୍କରେ ନିଜର ମନ୍ତବ୍ୟ ଦେଇ ଶ୍ରୀ ପେସ୍କୋଭ୍ କହିଛନ୍ତି, ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଅର୍ଥନୈତିକ ତଥା ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିପାରିଛି ।

ଏଠାରେ ସୂଚନା ଦିଆଯାଇପାରେ ଗତ ବର୍ଷ ଡିସେମ୍ବର ମାସରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ଭାରତ ଗସ୍ତ ସମୟରେ ଏହି ବାଣିଜ୍ୟ କାରବାର ପରିମାଣ ସମ୍ପର୍କରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ବହୁ ପ୍ରାଚୀନ ଦୁଇଦେଶର ରଣନୈତିକ ସମ୍ପର୍କକୁ ଅଧିକ ସଶକ୍ତ କରିବା ସହିତ ବିଭିନ୍ନ କ୍ଷେତ୍ରରେ ସହଯୋଗକୁ ବୃଦ୍ଧି କରିବା ଦିଗରେ ଉଭୟ ଦେଶ ନିଜର ପ୍ରତିବଦ୍ଧତା ଜାରି ରଖିଛନ୍ତି ।

## ଏନ୍‌ଏଚ୍‌ଏଆଇ

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ – ଏନ୍.ଏଚ୍.ଏ.ଆଇ. ଦେଶ ବ୍ୟାପି ଜାତୀୟ ରାଜପଥରୁ ଜବରଦଖଲ ଏବଂ ବେଆଇନ୍ ପାର୍କିଂ ଉଚ୍ଛେଦ ଲାଗି କାର୍ଯ୍ୟାନୁଷ୍ଠାନକୁ ତ୍ୱରାନ୍ୱିତ କରିଛି । ଏ ସମ୍ପର୍କରେ ସଡ଼କ

ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ସୁପ୍ରିମ୍‌କୋର୍ଟ୍‌ଙ୍କ ନିର୍ଦ୍ଦେଶ ଅନୁସାରେ ଏଭଳି ପଦକ୍ଷେପ ନିଆଯାଉଛି । ଏହାଛଡ଼ା ଏକ ସୁରକ୍ଷିତ, ବ୍ୟବହାର ଅନୁକୂଳ ତଥା ସୁଦୃଢ଼ ଜାତୀୟ ରାଜପଥ ଭିତ୍ତିଭୂମି ପ୍ରତିଷ୍ଠା କରିବା ଦିଗରେ ଏନ୍.ଏଚ୍.ଏ.ଆଇ.ର ପ୍ରତିବଦ୍ଧତାର ଏହାର ଅଂଶସ୍ୱରୂପ ବୋଲି ମନ୍ତ୍ରଣାଳୟ କହିଛି ।

ବିଭିନ୍ନ ରାଜ୍ୟରେ ୫୯୫ଟି ଗୁରୁତ୍ୱପୂର୍ଣ୍ଣ ବେଆଇନ୍ ପାର୍କିଂ ସ୍ଥଳି ଚିହ୍ନଟ କରାଯିବା ସହିତ ଜାତୀୟ ରାଜପଥରେ ଏଭଳି ପାର୍କିଂକୁ ଉଚ୍ଛେଦ କରିବା ଲାଗି ବିଭିନ୍ନ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ତଥା ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରି ଏନ୍.ଏଚ୍.ଏ.ଆଇ. କାର୍ଯ୍ୟ କରୁଛି । ଏଥିଲାଗି ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କଫୋର୍ସ୍ ପ୍ରତିଷ୍ଠା କରିବା ଲାଗି ଏନ୍.ଏଚ୍.ଏ.ଆଇ. ରାଜ୍ୟ ସରକାରମାନଙ୍କ ସହିତ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେଉଛି ବୋଲି ମନ୍ତ୍ରଣାଳୟ କହିଛି ।

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆଜି ସନ୍ଧ୍ୟାରେ ଦକ୍ଷିଣ କୋରିଆର ଜାତୀୟ ସୁରକ୍ଷା ନିର୍ଦ୍ଦେଶକ ୱି ସୁଙ୍ଗ୍-ଲାକ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ଭାରତ-ପ୍ରଶାନ୍ତ ମହାସାଗରୀୟ ସ୍ଥିତି ତଥା ବୈଶ୍ୱିକ ପରିସ୍ଥିତି ଉପରେ ଏକ ରଣନୈତିକ ଆକଳନ କରିବା

ସମ୍ପର୍କରେ ଉଭୟ ମତବିନିମୟ କରିଛନ୍ତି ବୋଲି ଡକ୍ଟର ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସୂଚନା ଦେଇଛନ୍ତି ।

## ଡବ୍ଲ୍ୟୁବି-ଗୋଡାଉନ୍ କୋଲାପସ୍‌ଡ୍

କୋଲକାତାରେ ଏକ ନିର୍ମାଣାଧୀନ ଘରୋଇ ପଣ୍ୟାଗାର ଭୁଶୁଡ଼ି ପଡ଼ିବାରୁ ତିନି ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ଏହାଛଡ଼ା ଅନେକ ଆହତ ହୋଇଥିବା ଜଣାଯାଇଛି । ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି ।

ଉଦ୍ଧାର କାର୍ଯ୍ୟ ଲାଗି ଘଟଣା ସ୍ଥଳରେ ଏନ୍.ଡି.ଆର୍.ଏଫ୍., ପୁଲିସ୍, ଅଗ୍ନିସମ, ଜରୁରୀକାଳୀନ ସେବା ଏବଂ ଭାରତୀୟ ସେନାକୁ ନିୟୋଜିତ କରାଯାଇଛି । ଅନେକ ଶ୍ରମିକ ଏହା ମଧ୍ୟରେ ଫସି ରହିଥିବାର ଆଶଙ୍କାର କରାଯାଉଛି । ଏହି ଦୁର୍ଘଟଣାରେ ପ୍ରଭାବିତମାନଙ୍କୁ ସହାୟତା କରିବା ଲାଗି ରାଜ୍ୟ ସଚିବାଳୟ-ନବାନ୍ନ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି । ଏହି ଖବର ପାଇ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିବା ସହ ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି ।

ଏହି ଦୁର୍ଘଟଣାରେ ବନ୍ଦର, ଜାହାଜ ଚଳାଚଳ ତଥା ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ

ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସୋନୱାଲ କହିଛନ୍ତି, ଘଟଣା ସ୍ଥଳରେ ଉଦ୍ଧାରକାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି । କେତେ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇସାରିଛି ।

## ଇଣ୍ଡିଆ-ୟୁଏଇ ଡିଫେନ୍ସ

ଭାରତ ଓ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ପ୍ରତିରକ୍ଷା ସହଯୋଗର ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ ରଣନୈତିକ ପ୍ରତିରକ୍ଷା ଭାଗିଦାରୀ କାର୍ଯ୍ୟଖସଡ଼ା ଅଧୀନରେ ଏହି ବୈଠକ ଆୟୋଜିତ ହୋଇଥିଲା । ଭାରତର ଆନ୍ତର୍ଜାତିକ ସହଯୋଗ ବିଭାଗ ଯୁଗ୍ମ ସଚିବ ଅମିତାବ ପ୍ରସାଦ ଏବଂ ୟୁ.ଏ.ଇ.ର ବ୍ରିଗେଡିୟର୍ ଷ୍ଟାଫ୍ ଜମାଲ ଇବ୍ରାହିମ୍ ମହମ୍ମଦ ଇବ୍ରାହିମ୍ ଆଲମାର୍-ଜୁକି ଏହି ବୈଠକରେ ସହ ଅଧ୍ୟକ୍ଷତା କରିଥିଲେ । ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ସହଯୋଗ, ନବସୃଜନକୁ ପ୍ରାଧାନ୍ୟ ଦେବା, ସାମୁଦ୍ରିକ ସୁରକ୍ଷାକୁ ସଶକ୍ତ କରିବା ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ପ୍ରୟୋଗ ଆଦି ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ।

# ଶାହା-ଏନ୍‌ସିବି

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ଶୁକ୍ରବାର ନୂଆଦିଲ୍ଲୀଠାରେ ନିଶାଦ୍ରବ୍ୟ ସମନ୍ୱୟ କେନ୍ଦ୍ରର ଦଶମ ସର୍ବୋଚ୍ଚ ସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିବେ । ଏ ସମ୍ପର୍କରେ ସୂଚନା ଦେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି, ଦେଶ ବ୍ୟାପି ନିଶାଦ୍ରବ୍ୟ ଚାଲାଣ ତଥା ବେଆଇନ୍ କାରବାର ବିରୁଦ୍ଧରେ ଲଢ଼େଇକୁ ଅଧିକ ସଶକ୍ତ କରିବା ସହିତ ଏ ଦିଗରେ ନିଆଯାଉଥିବା ପଦକ୍ଷେପ ଗୁଡ଼ିକର ସମୀକ୍ଷା କରିବା ଲାଗି ଏହି ବୈଠକ ଆୟୋଜିତ ହେଉଛି ।

ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ ପକ୍ଷରୁ ଆୟୋଜିତ ଏହି ବୈଠକରେ ବିଭିନ୍ନ କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର ଏବଂ ନିଶା ଆଇନ୍ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକ ଏକତ୍ରିତ ହୋଇ ଏହି ପ୍ରସଙ୍ଗରେ ଆଲୋଚନା କରିବେ । ଏହି ଅବସରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଆସନ୍ତା ୩ ବର୍ଷ ଲାଗି ନିଶାଦ୍ରବ୍ୟ ନିୟନ୍ତ୍ରଣ ସମ୍ପର୍କିତ ଭିଜନ୍ ଡକ୍ୟୁମେଣ୍ଟ ଉନ୍ମୋଚନ କରିବେ । ଏ କ୍ଷେତ୍ରରେ ସମ୍ପୃକ୍ତ ବିଭିନ୍ନ ପକ୍ଷଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଇ ଏହି ଭିଜନ୍ ଡକ୍ୟୁମେଣ୍ଟ ପ୍ରସ୍ତୁତ କରାଯାଇଛି ।

ଚାହିଦା ଓ ଯୋଗାଣ ହ୍ରାସ ଏବଂ ପୁନର୍ବାସ ଉପରେ ଅଧିକ ଧ୍ୟାନ ଦେଇ ନିଶାଦ୍ରବ୍ୟ କାରବାରକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ

ସେଥିଲାଗି ଏହି ଡକ୍ୟୁମେଣ୍ଟରେ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହୋଇଛି । ନିଶାଦ୍ରବ୍ୟ କାରବାର ପ୍ରତି କେନ୍ଦ୍ର ସରକାରଙ୍କ ଶୂନ୍ୟ ସହନଶୀଳତା ନୀତିର ଦୃଢ଼ କାର୍ଯ୍ୟକାରିତା ତଥା ଏକ ନିଶାମୁକ୍ତ ଭାରତ ଗଠନ ଉଦ୍ଦେଶ୍ୟରେ ଏହି ବୈଠକ ଆୟୋଜନ କରାଯାଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ।

## ବ୍ୟାଡ୍‌ମିଣ୍ଟନ୍

ୟୁ.ଏସ୍. ଓପନ୍ ସୁପର୍ ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟକୁ ଭାରତୀୟ ମହିଳା ଡବଲ୍ସ ଯୋଡ଼ି ତ୍ରିଶାଯଲି ଓ ଗାୟତ୍ରୀ ଗୋପୀଚାନ୍ଦ ଉନ୍ନିତ ହୋଇଛନ୍ତି । ଏହି ଭାରତୀୟ ମହିଳା ଯୋଡ଼ି ସ୍ପେନ୍‌ର ପାଓଲା ଲୋପେଜ୍ ଓ ଲୁସିୟାନ୍ ରୋଡ୍ରିଗ୍ ଗୁଏଜ୍‌ଙ୍କ ଯୋଡ଼ିକୁ ପ୍ରାରମ୍ଭିକ ରାଉଣ୍ଡରେ ୨୧-୧୨, ୧୪-୨୧ ଓ ୨୧-୧୩ ସେଟ୍‌ରେ ପରାସ୍ତ କରିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଜାପାନର ସୁମିରେ ନାକାଡ଼େ ଓ ମୁ୍ୟ ତାକାହାସିଙ୍କ ଯୋଡ଼ିକୁ ଭାରତର ଏହି ବିଜୟୀ ଯୋଡ଼ି ଭେଟିବେ ।

ପୁରୁଷ ସିଙ୍ଗଲ୍ସ ବର୍ଗରେ ରୌନକ ଚୌହାନ କ୍ୱାଲିଫାୟାର୍ ରାଉଣ୍ଡରେ ବିଜୟୀ ହୋଇଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ରୌନକ ଭାରତର ଏସ୍. ଶଙ୍କର ମୁଥୁସାମୀ ସୁବ୍ରମଣ୍ୟନ୍‌ଙ୍କୁ ଭେଟିବେ ।

# ଫିଫା

ଫିଫା ବିଶ୍ୱକପ୍‌ର ଗ୍ରୁପ୍-ବି'ରେ ଆଜି କାନାଡ଼ାର ଭାଙ୍କ୍ୟୁଭର୍‌ଠାରେ କାନାଡ଼ା ଓ ସ୍ୱିଜରଲ୍ୟାଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଭାରତୀୟ ସମୟ ରାତି ୧୨ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ସେହିଭଳି ୱାଶିଂଟନ୍‌ର ସିଟିଲ୍ସ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବାକୁଥିବା ଅନ୍ୟ ଏକ ମ୍ୟାଚ୍‌ରେ ବୋସନିଆ' ହର୍ଜେଗୋଭିନାକୁ ଭେଟିବ ।

ପ୍ରତିଯୋଗିତାରେ ଗ୍ରୁପ୍-୩୨ ପର୍ଯ୍ୟାୟକୁ କଲମ୍ବିଆ ଉନ୍ନୀତ ହୋଇଛି । ଆଜି ଖେଳାଯାଇଥିବା ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ କଙ୍ଗୋକୁ ୧-୦ ଗୋଲ୍‌ରେ କଲମ୍ବିଆ ପରାସ୍ତ କରିଛି । ଆଜିର ଅନ୍ୟ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକରେ ପର୍ତ୍ତୁଗାଲ' ଉଜ୍‌ବେକିସ୍ତାନକୁ ୫-୦ ଗୋଲ୍‌ରେ ପରାସ୍ତ କରିଛି । ଇଂଲଣ୍ଡ ଏବଂ ଘାନା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିବା ବେଳେ କ୍ରୋଏସିଆ' ପାନାମାକୁ ୧-୦ଗୋଲ୍‌ରେ ପରାସ୍ତ କରିଛି ।